DOI : https://doi.org/10.5281/zenodo.15253342

ମୂଳ ପ୍ରବନ୍ଧ

# କେନ୍ଦୁଝର ଦୋଳିଗୀତରେ ସୌନ୍ଦର୍ଯ୍ୟ ଚେତନା - ଏକ ବିହଙ୍ଗାବଲୋକନ

**ହିତେଶ ବେହେରା**

**ସଂକ୍ଷିପ୍ତସାର :**

ଲୋକଜୀବନର ଅନୁଭବ ଓ ଅନୁଭୂତିର ଛଳଛଳ ସଦ୍ୟତମ ପରିପ୍ରକାଶ ହେଉଛି ଲୋକଗୀତ। ଯାହା ସ୍ୱତଃସ୍ଫୂର୍ତ୍ତ ତଥା ଅନୁଭୂତି ସଂଜାତ। ଲୋକଗୀତର ପରିସର ଯେତିକି ବ୍ୟାପକ ସେତିକି ବୈଚିତ୍ର୍ୟମୟୀ। ଲୋକଗୀତଗୁଡିକ ଏକ ନିର୍ଦ୍ଦିଷ୍ଟ ଅଂଚଳର ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧକୁ ଧରି ରଖିବାରେ ସମର୍ଥ ଅଟେ। ଏହା ମଧ୍ୟ ଦେଇ ଲୋକଜୀବନର ଚାଲିଚଳଣି, ରୀତିନୀତି, ବିଧିବିଧାନ ଆଦି ପ୍ରବାହିତ ହୁଏ। ଓଡିଶାର ପୁରପଲ୍ଲୀରେ ପ୍ରାୟ ସମସ୍ତେ ପରିଚିତ ତଥା ଲୋକାଦୃତ ହୋଇଥିବା ଲୋକଗୀତ ମଧ୍ୟରେ ଦୋଳିଗୀତ ହେଉଛି ଅନ୍ୟତମ। କାବ୍ୟକଳାର ଚରମ ସାଧନ ଅର୍ଥାତ୍ ମୁଖ୍ୟ ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ସୃଷ୍ଟି କରିବା। ଶିଳ୍ପକଳା ମଧ୍ୟରେ ସୌନ୍ଦର୍ଯ୍ୟ ନିହିତ। ଶିକ୍ଷାର ଆବେଦନ ସାର୍ବଜନୀନ ଓ ସାର୍ବକାଳିକ ହୋଇ ନ ପାରେ ; ମାତ୍ର କଳାର ଆବେଦନ ଦେଶ ଓ କାଳରୁ ମୁକ୍ତ ଥାଏ। ଏ ସୌନ୍ଦର୍ଯ୍ୟ କେବଳ ବିଦଗ୍ଧ ସାହିତ୍ୟରେ ନ ଥାଏ ବରଂ ପରଂପରା କ୍ରମେ ରହି ଆସୁଥିବା ମୌଖିକ ସାହିତ୍ୟରେ ମଧ ବିଦ୍ୟମାନ। ଏଇ ପରିପ୍ରେକ୍ଷୀରେ କେନ୍ଦୁଝର ଅଂଚଳରୁ ସଂଗୃହୀତ ହୋଇଥିବା ଦୋଳିଗୀତରେ ନିହିତ ଥିବା ସୌନ୍ଦର୍ଯ୍ୟ ଚେତନାକୁ ଉପସ୍ଥାପିତ କରିବା ସହ ତା ମଧ୍ୟରେ ରହିଥିବା ମାନବିକ ମୂଲ୍ୟବୋଧକୁ ଦର୍ଶାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଦୋଳିଗୀତ, ସୌନ୍ଦର୍ଯ୍ୟ, ସୌନ୍ଦର୍ଯ୍ୟ ଚେତନା, ପଲ୍ଲୀ, କେନ୍ଦୁଝର ଓ କଳା।

ସ୍ରଷ୍ଟାଙ୍କ ସୃଷ୍ଟିର ଚରମ ଆବେଦନ ହେଉଛି ସୌନ୍ଦର୍ଯ୍ୟ। ଏହି ସୌନ୍ଦର୍ଯ୍ୟରେ କଳାକାରଙ୍କ ସୃଷ୍ଟ କଳାର ଚମତ୍କାରିତା, କମନୀୟ ପ୍ରଭାବ ଶାଳୀନତା, ସୃଷ୍ଟିର ଉତ୍କର୍ଷତା ନିହିତ ହୋଇ ରହିଥାଏ। ସକଳ ସୃଷ୍ଟି ମଧ୍ୟରେ ସୌନ୍ଦର୍ଯ୍ୟ ରହିଛି। ସୌନ୍ଦର୍ଯ୍ୟ ଦ୍ୱାରା ଆନନ୍ଦଦାୟକ ହେଉଥିବା କଳା ସାର୍ଥକ ପ୍ରତିପାଦିତ ହୁଏ। କଳା ଭିତରେ ସୌନ୍ଦର୍ଯ୍ୟ ବିଦ୍ୟମାନ ଥିବା ହେତୁ ତାହା କଳାକାର , ସ୍ରଷ୍ଟା ଅଥବା କାବ୍ୟକାରଙ୍କ ସର୍ଜନଶୀଳତାକୁ ଚଳଚଂଚଳ ଓ କ୍ରିୟାଶୀଳ କରାଏ। କୌଣସି ଲେଖକଙ୍କ ସୃଜନୀରେ ଥିବା ସୁନ୍ଦରପଣ ହିଁ ତାଙ୍କୁ ଚର୍ଚ୍ଚିତ କରାଇଥାଏ। ସୌନ୍ଦର୍ଯ୍ୟ ହେଉଛି ଏକ ବ୍ୟକ୍ତିନିଷ୍ଠ ଅନୁଭବ ଓ ଆସ୍ୱାଦନାର ବିଷୟ ତଥା ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରକୃତିର ରୂପ, ରସ , ରଙ୍ଗ, ସ୍ୱର, ଶବ୍ଦରେ ସୌନ୍ଦର୍ଯ୍ୟ ରହିଛି ପରିପୂର୍ଣ୍ଣ। ସୌନ୍ଦର୍ଯ୍ୟ ଦେଖିବା ଲୋକର ସୌନ୍ଦର୍ଯ୍ୟଗ୍ରାହୀ ଦୃଷ୍ଟିରେ ରହିଥାଏ। ଆଧୁନିକ ଓଡିଆ ସାହିତ୍ୟର ନିର୍ମାତା ଭାବରେ ପରିଚିତ କବିବର ରାଧାନାଥ ରାୟଙ୍କ ବର୍ଣ୍ଣନା ଅନୁସାରେ, ଚିଲିକାକୁ ଅନେକ ବାର ଦେଖିଛନ୍ତି ; ମାତ୍ର ପ୍ରତିଥର କିଛି ନୂଆ ଅନୁଭବ କରିଛନ୍ତି, ଯେପରି-

**ଯୋଗାଯୋଗ :**
**ହିତେଶ ବେହେରା,** ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
**E mail :** beherahitesh37@gmail.com
**Orcid Id :** https://.org/0009-0000-1483-9753

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ହିତେଶ; ୨୦୨୫। କେନ୍ଦୁଝର ଦୋଳିଗୀତରେ ସୌନ୍ଦର୍ଯ୍ୟ ଚେତନା- ଏକ ବିହଙ୍ଗାବଲୋକନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ, ପୃଷ୍ଠା :୬୩-୬୯ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253342
Article No - BPPP00290

'' ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି / ସୁନ୍ଦର ପଣର ଚିରନ୍ତନ ରୀତି
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ / ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ।''

ଅର୍ଥାତ୍ କବିବର ରାଧାନାଥଙ୍କ ବିଚାରରେ ପ୍ରତ୍ୟେକ ସମୟରେ ନୂଆ ନୂଆ ଦେଖାଯାଇ ଦର୍ଶକ ଚିତ୍ତକୁ ଆଶ୍ଚର୍ଯ୍ୟଚକିତ କରି ଦେଉଥିବା ଅନୁଭୂତି ସୌନ୍ଦର୍ଯ୍ୟ ରୂପେ ଅଭିହିତ।(୧)

ସୌନ୍ଦର୍ଯ୍ୟର ପରିସର ହେଉଛି ବ୍ୟାପକ ତଥା ଗୁରୁତ୍ୱପୂର୍ଣ୍ଣ। ସୌନ୍ଦର୍ଯ୍ୟ ତତ୍ତ୍ୱ ଅନୁସାରେ ସୌନ୍ଦର୍ଯ୍ୟ ବସ୍ତୁଗତ ନୁହେଁ ଗ୍ରାହକଗତ। କାରଣ ସୁନ୍ଦର ବସ୍ତୁ ସମସ୍ତଙ୍କ ଦୃଷ୍ଟିରେ ସୁନ୍ଦର ହୋଇ ନ ପାରେ, ଏଣୁ ଏହା ଗ୍ରାହକଗତ। ଶିକ୍ଷା, ରୁଚି ଓ ମନର ଉଦାର ଅନୁଦାର ଭାବ ଅନୁସାରେ ସୌନ୍ଦର୍ଯ୍ୟ ଉପଭୋଗ୍ୟ ହୋଇଥାଏ। ସୌନ୍ଦର୍ଯ୍ୟ ତତ୍ତ୍ୱକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବା ବେଳେ ତିନୋଟି ଆଧାରରେ ବିଚାରକୁ ନିଆଯାଇଥାଏ। ଯଥା -

୧) ଭୋଗ - ତାଜମହଲର ଦୁଗ୍ଧ ଧବଳ ମାର୍ବଲ ଖଣ୍ଡ।
୨) ରୂପ - ଅବୟବର ସଂସ୍ଥାନ
୩) ଅଭିବ୍ୟକ୍ତି - ରୂପର ପ୍ରଶାନ୍ତି, ଭୟ, ଚିନ୍ତା , ଉଲ୍ଲାସର ଅନୁଭବ।(୨)

ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ସୌନ୍ଦର୍ଯ୍ୟ ତତ୍ତ୍ୱ ପ୍ରାୟତଃ ସମାନ। କାବ୍ୟ ଆନନ୍ଦ ଦାନକରି ରସ ସଂଚାର କରିବା ଶକ୍ତିକୁ ଭାରତୀୟ ସୌନ୍ଦର୍ଯ୍ୟ ଦର୍ଶନ ସୌନ୍ଦର୍ଯ୍ୟ ବୋଲି କହୁଥିବା ବେଳେ ପାଶ୍ଚତ୍ୟ ଦର୍ଶନ ଆବେଗ ସୃଷ୍ଟି କରିବା ଶକ୍ତିକୁ କହିଥାଏ। ଭାରତୀୟ କାବ୍ୟ ପରଂପରାରେ ଗଢି ଉଠିଥିବା ରସ, ରୀତି,ଅଳଙ୍କାର,ଗୁଣ , ବକ୍ରୋକ୍ତି, ଔଚିତ୍ୟ ଆଦି ସିଦ୍ଧାନ୍ତମାନ ସୌନ୍ଦର୍ଯ୍ୟ ନିରୂପଣର ଅପେକ୍ଷା ରଖେ। କାବ୍ୟ କଳା '' ସୌନ୍ଦର୍ଯ୍ୟର ସୌନ୍ଦର୍ଯ୍ୟର ଅନ୍ତଃବାହ୍ୟ ସମ୍ବନ୍ଧ ନିରୂପଣ ଠାରୁ ଆରମ୍ଭ କରି ସୌନ୍ଦର୍ଯ୍ୟର ଅଖଣ୍ଡତା, ପରାଶ୍ରୟ ନିରପେକ୍ଷତା, ସ୍ୱୟଂ ସଂପୂର୍ଣ୍ଣତା, ଆକର୍ଷଣୀୟତା ଓ ଆଧ୍ୟାତ୍ମିକତାର ମାର୍ମିକ ବିଶ୍ଳେଷଣ କରିବା ଲକ୍ଷ୍ୟ ରଖେ। ''(୩)।

ଆଦିମ ମଣିଷର ଅନୁଭୂତି ସଂଜାତ ଆବେଗିକ ଉଚ୍ଚାରଣର ପଦ୍ୟରୂପ ହିଁ ଲୋକଗୀତ। ଯାହା ଯୁଗ ଯୁଗ ଧରି ପୁରୁଷାନୁକ୍ରମିକ ଅଭିଜ୍ଞତା ଓ ଅନୁଭୂତିର ସଦ୍ୟତମ ପରିପ୍ରକାଶ। ସାମାଜିକ ସାଂସ୍କୃତିକ ପରିବେଶକୁ ଆଧାର କରି ପରିଦୃଶ୍ୟମାନ ବହିର୍ଜଗତ ଏବଂ ଅନ୍ତର୍ଜଗତର ଅନୁଭୂତି ଲୋକମୁଖରେ ନିଃସୃତ ହୋଇଥାଏ। ଲୋକଜୀବନର ପ୍ରାପ୍ତି,ଅପ୍ରାପ୍ତି , ବିରହ ,ମିଳନ,ଜନ୍ମ, ମୃତ୍ୟୁ,ଓ ସୁଖଦୁଃଖ ଆଦି ଲୋକଗୀତର କଳେବର ମଣ୍ଡନ କରେ। ଲୋକଗୀତ କୌଣସି ଏକ ବ୍ୟକ୍ତିର ଚିନ୍ତା ଚେତନାରୁ ସୃଷ୍ଟ ନୁହେଁ ବରଂ ଗୋଷ୍ଠୀର ପୁଞ୍ଜିଭୂତ ଆବେଗରୁ ସୃଷ୍ଟି। ଲୋକଗୀତ ଇତିହାସ, ପୁରାଣ, ଭୂଗୋଳ ଓ ବିଶ୍ୱାସବୋଧର ଏକ ସମ୍ମିଶ୍ରିତ ରୂପ। କେନ୍ଦୁଝର ଅଂଚଳରେ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇ ଆସୁଥିବା ପ୍ରମୁଖ ଗଣପର୍ବ ହେଉଛି ରଜପର୍ବ। ଏହି ପର୍ବ ଉପନୀତ ହେଲେ ଯିଏ ଯେଉଁଠି କର୍ମ ସଂସ୍ଥାନରେ ଥାଆନ୍ତି ଗୃହକୁ ବାହୁଡ଼ି ଆସନ୍ତି , ଏଣୁ ରଜପର୍ବକୁ ଅନ୍ୟ ଅର୍ଥରେ ମିଳନର ପର୍ବ ବୋଲି କୁହାଯାଏ।(୪)। ଏହି ପର୍ବ ତିନିଦିନ ପ୍ରତି ଗାଁ ଗାଁରେ ସାହିରେ ସାହିରେ ଦୋଳିମାନ ନିର୍ମିତ କରାଯାଇ ମଉଜ ମଜଲିସ୍‌ରେ ଗୀତଗାଇ ନାଚି ସମୟ ବିତାଇଥାନ୍ତି। ଏହି ଦୋଳି ଖେଳିବା ସମୟରେ କିଶୋର କିଶୋରୀମାନେ ସେମାନଙ୍କ ଗୀତର ପସରା ମେଲି ଦେଇଥାନ୍ତି। ଏହି ଦୋଳିଗୀତ ମଧ୍ୟରେ ନିଜ ନିଜର ମାନ ଅଭିମାନ ତଥା ସମାଜର ଯାବତୀୟ ସମସ୍ୟା ଆଦି ଦୋଳିଗୀତରେ ସ୍ଥାନ ପାଇଥାଏ। ଏଇ ପରିପ୍ରେକ୍ଷୀରେ କେନ୍ଦୁଝର ଅଂଚଳରୁ ସଂଗୃହୀତ ଦୋଳିଗୀତଗୁଡିକରେ ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଚେତନାକୁ ଆବିଷ୍କାର କରିବା ଏ ଆଲେଖ୍ୟର ଉଦ୍ଦେଶ୍ୟ।

ଉଭୟ ପ୍ରାଚ୍ୟ ପାଶ୍ଚାତ୍ୟ ସୌନ୍ଦର୍ଯ୍ୟ ତତ୍ତ୍ୱ ଅନୁସାରୀ ସୌନ୍ଦର୍ଯ୍ୟ ଚେତନାକୁ ତିନି ଭାଗରେ ବିଭକ୍ତ କରାଯାଇପାରେ , ଯଥା-

୧) ପ୍ରକୃତି ସୌନ୍ଦର୍ଯ୍ୟ
୨) ସାମାଜିକ ସାଂସ୍କୃତିକ ସୌନ୍ଦର୍ଯ୍ୟ
୩) କାବ୍ୟିକ ସୌନ୍ଦର୍ଯ୍ୟ

## ୧. ଦୋଳିଗୀତରେ ପ୍ରକୃତି ସୌନ୍ଦର୍ଯ୍ୟ

ପ୍ରକୃତି ହିଁ ସୁନ୍ଦରତାର ଅନ୍ୟତମ ରୂପ। ପ୍ରକୃତିରେ ସକଳ ସୌନ୍ଦର୍ଯ୍ୟ ସମାହିତ ହୋଇଥିବା କେନ୍ଦୁଝର ହେଉଛି ବନଭୂମିର ଗନ୍ତାଘର। ଚତୁର୍ଦ୍ଦିଗ ବଣଜଙ୍ଗଲ, ପାହାଡ ପର୍ବତ ,ନଦୀ ଝରଣାରେ

ପରିପୂର୍ଣ୍ଣ ହୋଇଛି। ଅତୀତରେ ଯେଉଁ ଲୋକଗୀତର ଶୁଭାରମ୍ଭ ଘଟିଥିଲା ତାହା ଏଇ ବଣଜଙ୍ଗଲରୁ ହିଁ ଆରମ୍ଭ ହୋଇଥିଲା। ପ୍ରକୃତିର ଏସବୁ ସ୍ଥାନ ସବୁ କାଳରେ ଲୋକଚିତ୍ତକୁ ଆକର୍ଷିତ କରିଆସିଛି। ପ୍ରକୃତି କୋଳରେ ବିତାଇ ଆସୁଥିବା ହେତୁ ଦୋଳିଗୀତ ବୋଲିବା ସମୟରେ ଗଛଲତା, ପଶୁପକ୍ଷୀ,ନଦୀ, ଝରଣା,ପାହାଡ ପର୍ବତ, ପଲ୍ଲୀ ଆଦି ସ୍ଥାନ ସ୍ୱତଃ ମୁଖ ଉଚ୍ଚାରିତ ହୋଇଥାଏ।

ନଦୀ- ପ୍ରକୃତିର ଅନ୍ୟତମ ସୌନ୍ଦର୍ଯ୍ୟ ସ୍ଥାନର ନାମ ନଦୀ ହିଁ ନେଇଛି। ଗିରିଦରୀ ଠାରୁ ଜନ୍ମ ହୋଇ ସାଗରରେ ମିଶିବା ପର୍ଯ୍ୟନ୍ତ ତାର କୁଲୁ କୁଲୁ ନାଦରେ ମନୋରମ ପରିବେଶଟିଏ ସୃଷ୍ଟି କରିବା,ତଥା ତଟ ନିକଟବର୍ତ୍ତୀ ଅଧିବାସୀଙ୍କ ଜୀବନ ଜୀବିକା ନିର୍ବାହରେ ସମ୍ପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ପ୍ରାଣୀ ହୃଦୟକୁ ଜୟ କରି ଆସିଛି। କେନ୍ଦୁଝର ଜିଲ୍ଲାର ଲାଇଫ୍ ଲାଇନ୍ ବୈତରଣୀ ହେତୁ ତାର ନାମ ଦୋଳିଗୀତରେ ସ୍ଥାନ ପାଏ, ଯେପରି-

'କାନ ତି ଉତ୍କଳ ଭାଇ କର୍ମ ଅଭାଗ୍ୟରେ ବଢିଲା ନଈ
ଘରଦ୍ୱାର ନେଲା ଧୁଇ,
ଗୋନାସିକାରୁ ବାହାରି ଚାନ୍ଦବାଲିଠାରେ ଖେଳଇ ଲହରୀ
ଉଠଇ ପର୍ବତ ପରି। '

**ବର୍ଷା**– ନଦୀ ପରି ବର୍ଷା ତାର ସୌନ୍ଦର୍ଯ୍ୟ ଦ୍ୱାରା ଲୋକ ଚିତ୍ତକୁ ସର୍ବଦା ଆଛନ୍ନ କରି ରଖିଛି । ବର୍ଷା ହେବା ଦ୍ୱାରା ସମଗ୍ର ପୃଥିବୀ ସବୁଜିମାରେ ଖିଲି ଖିଲି ହୋଇ ହସି ଉଠେ ଏଥିରେ ନା କେବଳ ଚାଷୀ ଭାଇ ଖୁସି ହୁଏ ବରଂ ତାର ସୌନ୍ଦର୍ଯ୍ୟରେ ସାରା ଜଗତ ହୁଏ ଆତ୍ମହରା । ଅଧିକ ଦିନ ବର୍ଷା ଲାଗି ରହିଲେ ପ୍ରେମୀ ଯୁଗଳ ପରସ୍ପରକୁ ଭେଟି ପାରନ୍ତି ନାହିଁ, ଏଣୁ ମେଘ ପ୍ରତି ଅଭିମାନ ଭରା ଗାଳି ଦେଇ କୁହନ୍ତି–

'ମେଘ ଆଜି ଝଡି କଲା ଦୋଷ ଦିଆ ମେଘ ଝଡିଆ କଲା
ସାଙ୍ଗମେଳ ଛଡାଇଲା । '

**ପୁଷ୍ପ** – ପୁଷ୍ପ ସଂପ୍ରୀତି ସୌନ୍ଦର୍ଯ୍ୟତାର ଅନ୍ୟତମ ପ୍ରତୀକ। ଫୁଲ ସମସ୍ତଙ୍କ ମନ ଓ ପ୍ରାଣକୁ କରେ ମୋହିତ, ଚେତନାକୁ କରେ ପୁଲକିତ । ବଣ ଭୂଇଁରେ ବିଭିନ୍ନ ଫୁଲ(କଇଁ, ମଲ୍ଲୀ, ଚମ୍ପା, କୁରେଇ, ଶାଳ, ଟଗର, ମହୁଲ କୃଷ୍ଣଚୂଡା ଆଦି)ର ମହକରେ ସାରା ବନଭୂମି ହୁଏ ମହକିତ । ପୁଷ୍ପର ସୌନ୍ଦର୍ଯ୍ୟରେ ଆସକ୍ତ ହୋଇ ଅନୁକ୍ଷଣ ଭ୍ରମରର ମଧୁଗୁଞ୍ଜନ ଶୁଣିବାକୁ ମିଳେ । ସାଧାରଣ ମଣିଷଙ୍କ ଠାରୁ ଆରମ୍ଭ କରି ଦେବତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୁଷ୍ପ ପ୍ରତି ଏକ ଦୁର୍ବଳ ମନୋଭାବ ରହିଆସଛି । ଫୁଲର ମହୁଆ ବାସ୍ନାରେ ବାସ୍ନାୟିତ ହୋଇଥିବା କିଶୋର ପାଟିରୁ ମନମତାଣିଆ ଗୀତର ଲହର ଛୁଟେ, ଗାଏ–

'ମଲ୍ଲୀ ଫୁଲ ଦନା ଦନା କୁଳୁଚି(କୁରେଇ)ଫୁଲର ଭିନେ ବାସନା
ପିନ୍ଧିଲେ ଜାଣିବ ସିନା ।'

**ପାହାଡ**– କେନ୍ଦୁଝର ବଣ ପର୍ବତ ଘେରା ଅଂଚଳ ହୋଇଥିବା ହେତୁ ଏଠାକାର ଅଧିବାସୀମାନେ ପ୍ରକୃତି ସହିତ ଜଡିତ । ପ୍ରକୃତି ହିଁ ଏମାନଙ୍କ ଜୀବନ ପାଳଟିଥିବା ହେତୁ ଦୋଳିଗୀତ ଭିତରେ ସୁନ୍ଦର ପ୍ରକୃତିର ନିଛକ ଚିତ୍ର ପ୍ରତିଫଳିତ ହେବା ସ୍ୱାଭାବିକ । ସେଇ ବନ କାନ୍ତାରରେ ବୁଲି ବୁଲି ସାଉଁଟିଥିବା ଅନୁଭବ ଓ ଅନୁଭୂତିକୁ ଦୋଳିଗୀତରେ ରୂପଦିଏ –

'ଚାଉଳ ଭାଜିଲି ଝାଇଁ ବଣ ତରୁଲତା ପାହାଡ ଭୂଇଁ
ଝରଣା ଯାଉଛି ବହି ।'

**ଜହ୍ନ** – ପଲ୍ଲୀ ଗ୍ରାମବାସୀମାନଙ୍କର ମୁଖ୍ୟ ଆକର୍ଷଣ ହେଉଛି ଜହ୍ନ । ଜହ୍ନର ରୂପେଲି କିରଣକୁ ସମସ୍ତେ ଅପେକ୍ଷା କରିଥାନ୍ତି । ତାର କିରଣରେ ଚାରିଆଡେ ରୂପାର ଆସ୍ତରଣ ଖେଳିଯାଏ । ସୁନ୍ଦର ଏ ଜ୍ୟୋସ୍ନା ଭିଜା ରାତିକୁ ଚକୋର ପକ୍ଷୀଠାରୁ ପ୍ରେମିକ ପ୍ରେମିକାଙ୍କ ଯାଏଁ ସଭିଏଁ ପ୍ରୀତି ଅନୁରାଗୀ । ଆକାଶରୁ ଆଉଟା କିରଣ ପଡିଲେ ନୀଳ ପାଟପିନ୍ଧା ବନବଧୂର ଓଠରୁ ହସର ଝର ଫିଟେ । ନଇଁ ନଇଁ ଆସୁଥିବା ସଞ୍ଜରେ ଜହ୍ନ ଉଇଁ ଉଇଁ ଆସିଲେ କିରିକିରି ହୋଇ ହସୁଥାଏ କଇଁଫୁଲ । ଗ୍ରାମୀଣ ଜୀବନରେ ଜହ୍ନ ରାତି ହେଉଛି ପ୍ରେମୀ ଯୁଗଳଙ୍କ ମିଳନର ପ୍ରମୁଖ ମାଧ୍ୟମ । ଜହ୍ନ ଉଇଁ ଆସିଲେ ସେମାନଙ୍କର ମିଳନର ଘଡି ଆଗେଇ ଆସେ ; ପୁଣି ସରିଗଲେ ବିଚ୍ଛେଦର ଶିକୁଳି ବେଡିପକାଏ, ଯଥା –

ଜହ୍ନଟି 'ପାଖରେ ତାରା ଜହ୍ନ ବୁଡିଗଲେ ବାଜେ ନାଗରା
ହସ୍ତ ଧରା ନାଟକରା ।'

ମନର ମଣିଷ ନିକଟରୁ ଦୂରେଇ ଯିବାପରେ ଅସ୍ତରାଗର ଚନ୍ଦ୍ର ସଦୃଶ ଫିକା ପଡିଯାଏ । ବିରହ ଜ୍ୱାଳାରେ ଜର୍ଜରିତା ପ୍ରେମିକା ଗତ କଥା ମନେ ପକାଇ କେତେବେଳେ ଉଦାସ ରହେ ତ କେତେବେଳେ ହତାଶରେ ଭାଙ୍ଗି ପଡେ । ସ୍ମୃତିରୁ ଏ ମନ ପକ୍ଷର ଉଡନ୍ତା ଡେଣା , ପରିବ୍ୟାପ୍ତ ସାଗରର ଲହରୀସିକ୍ତ ବେଳାଭୂମି, ଅତୀତର ସ୍ମୃତିଚାରଣ କରି ଆଳାପ କରେ –

'ଉଇଁ ଆସେ ନୂଆ ଜହ୍ନ ନିତି ଦେଖୁଅଛି ତୋତେ ସପନ
କେମିତି ବୁଝାବି ମନ ।'

**ଫଳ** – ବଣ ଜଙ୍ଗଲକୁ ଆପଣା ଜୀବନ ମଣୁଥିବା ଆଦିବାସୀ ସର୍ବଦା ପ୍ରକୃତି ଉପରେ ନିର୍ଭରଶୀଳ । ବୃକ୍ଷର ଫଳମୂଳକୁ ଆହାର କରି ଜୀବନ ଧାରଣ କରନ୍ତି । ବର୍ଷର ବିଭିନ୍ନ ସମୟାନୁସାରୀ ଆସୁଥିବା ଫଳକୁ ଭୋଜନ ରୂପେ ଗ୍ରହଣ କରି କ୍ଷୁଧା ନିବାରଣ କରନ୍ତି । ବୃକ୍ଷକୁ ଶୋଭିତ କରୁଥିବା ଏ ଫଳ ମଧ୍ୟ ଦୋଳିଗୀତରେ ଅନ୍ତର୍ନିହିତ –

'ଜ୍ୟେଷ୍ଠରେ ଆମ୍ବ ପଣସ ପଚିସଢି କରି ଯାଉଚି ନାଶ
ଖାଇତେ ନାଇଁ ମୁଣୁଷ ।'

**ଗୃହ** –ପଲ୍ଲୀ ଜୀବନର ଗୃହର ଚିତ୍ର ଅତ୍ୟନ୍ତ ମନୋରମ ତଥା ଆକର୍ଷଣୀୟ । ଏ କୁଟୀରମୟୀ ପଲ୍ଲୀଗୁଡିକ ଘରଦ୍ୱାର ଲିପାପୋଛା କରି , ଦ୍ୱାର ମୁହଁରେ କାନ୍ଥରେ ଚିତା ପକାଇ ସୁସଜ୍ଜିତ କରିଥାନ୍ତି । ପ୍ରାୟ ପ୍ରତ୍ୟେକ ଘରେ ଥାଏ ଗାଈ ଗୁହାଳ, ସକାଳ ସନ୍ଧ୍ୟାରେ ଗାଈର ହମ୍ବାରଡି ଶୁଣିବା, ଗୋଚାରଣ କରିବା କିମ୍ବା ଗୋମୟ ଜଳରେ ଘରଦ୍ୱାର ଲିପିବା ଏ ସୁନ୍ଦର ଦୃଶ୍ୟ ଜନମନକୁ ଆକର୍ଷିତ କରେ । ଏସବୁ କାର୍ଯ୍ୟ କରିବାରେ ଯେଉଁ ପବିତ୍ରତା ମନୋଭାବ ଜାଗ୍ରତ ହୁଏ ତାହା ଗୋଟେ ପ୍ରକାର ସୁନ୍ଦର ନିଷ୍ଠୟ । କାରଣ ଯାହା ନୈତିକ, ଉତ୍କର୍ଷକାରକ ଓ ମଙ୍ଗଳଦାୟକ ତାହା ହିଁ ସୌନ୍ଦର୍ଯ୍ୟ ।(୫)। ତାକୁ ମଧ୍ୟ ପ୍ରସଙ୍ଗ କ୍ରମେ ବୋଲିଥାନ୍ତି –

'ଗାଈ ଗୁହାଳର ଖତ ବୋହୂ ଧରିଚନ୍ତି ଶାଶୁଙ୍କ ହାତ
ଆସ ମା ଖାଇବା ଭାତ ।'

**ଚାଷ** – ପଲ୍ଲୀ ଭୂଇଁରେ କୃଷକର ଜମି ଚଷିବା ଠାରୁ ଆରମ୍ଭ କରି ଅମଳ କରିବା ପର୍ଯ୍ୟନ୍ତ ସବୁ ପର୍ଯ୍ୟାୟର ଦୃଶ୍ୟ ସମ୍ପୂର୍ଣ୍ଣ ନିରୁତା ଗ୍ରାମୀଣ । କାଳି ଅନ୍ଧାରରୁ କୃଷକ ବିଲକୁ ଯାଇ ହଳ କରେ, ମାଟି କର୍ଷଣ ସମୟରେ ଉକୁଟି ଉଠୁଥିବା ମହୁଆ ବାସ୍ନା ଭୂମିରୁ ଭୂମା ପର୍ଯ୍ୟନ୍ତ ପ୍ରସାରିତ ହୁଏ । ପରେ ମାଳତୀ ଲତା ପରି ଲଟେଇ ଯାଉଥିବା ବନବଧୂ ଖାଇବା ନେଇ ବିଲରେ ପହଂଚେ , ଏ ଦୃଶ୍ୟ ସବୁ ସୌନ୍ଦର୍ଯ୍ୟ

ଠାରୁ ଉର୍ଦ୍ଧ୍ୱରେ। ତାକୁ ନେଇ ମଧ୍ୟ ଲୋକକବି ଗାଏ –

'ବିଲ ପାଣି ଛଳଛଳ ଆଜି ଗୀତାଲୁକୁ ଜୁଳିବି ହଳ
ମାରିବି କାଦ କୁରଳ।'

କେନ୍ଦୁଝରବାସୀ ଧାନ ,ମକା, ସୋରିଷ , ମୁଗ, ବିରି , କୋଳଥ , ତଥା ବିଭିନ୍ନ ପରିବା ଚାଷ କରୁଥିଲେ ମଧ୍ୟ ଅଧିକ ଧାନଚାଷ କରନ୍ତି। ତାଙ୍କର ବିଶ୍ୱାସ ଯେ ଧାନ ଆସିଲେ ଲକ୍ଷ୍ମୀ ମଧ୍ୟ ସେ ଘରେ ବିରାଜମାନ ହୁଅନ୍ତି । କାରଣ ଲକ୍ଷ୍ମୀ ହେଉଛନ୍ତି ଧନର ଦେବୀ, ଯାହାଙ୍କ କୃପାରେ ତାଙ୍କର ଆର୍ଥିକ ସ୍ଥିତି ସୁଦୃଢ ହୋଇଥାଏ, ଯଥା –

'ଧାନଗଛ ଛନମନ ଧାନଗଛ ମୂଳେ ଲକ୍ଷ୍ମୀ ଜନମ
କହିଦେଲି ତାର ନାମ।'

**ବୃକ୍ଷ** – ବୃକ୍ଷ ସକଳ ଜୀବଜଗତର ଜୀବନି ଶକ୍ତି ଏଣୁ ବୃକ୍ଷରହିତ ଜୀବନ ଜୀଇଁବା ଅସମ୍ଭବ ମନେହୁଏ। ବୃକ୍ଷ ପରିବେଶକୁ ସବୁବେଳେ ପ୍ରଦୂଷଣ ମୁକ୍ତ ରଖି ମାନବ ଜୀବନକୁ ସରସ ସୁନ୍ଦର କରେ। ଆଦିବାସୀ ସମାଜରେ ବୃକ୍ଷ ପୂଜା ପରମ୍ପରା ଓ ବୃକ୍ଷ ସଂପ୍ରୀତି କେଉଁ ଆବହମାନ କାଳରୁ ଏଯାବତ୍ ଶୃଙ୍ଖଳିତ ଭାବରେ ରହିଆସିଛି। ଗଛର ସମ୍ପୂର୍ଣ୍ଣ ଜୀବଜଗତ ଉପରେ ଅକଳନ୍ତି ଦାନ ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିଥିବ। ଶାଳ ଶାଗୁଆନ ଠାରୁ ଆରମ୍ଭ କରି ବରଗଛ ଅଶ୍ୱତ୍ଥ ଯାଏଁ ପଲ୍ଲୀ ପରିବେଶ ବିଭିନ୍ନ ବୃକ୍ଷରେ ପରିପୂର୍ଣ୍ଣ। ଶୈଶବ କାଳରୁ କୈଶୋର ପର୍ଯ୍ୟନ୍ତ ପ୍ରକୃତି କୋଳରେ ରହି ଆସିଥିବା ହେତୁ ନାନା ଗଛଲତାର ପ୍ରଭାବରେ ପ୍ରଭାବିତ ହୋଇଥାଏ। ତାକୁ ଗୀତରେ ଦେବାକୁ ମଧ୍ୟ ଭୁଲେ ନାହିଁ , ତାହା ଏପରି –

'ବରଗଛ ଦରଜାଇଁ ମୋର ଠାରେ ମନ ଦେଇଥା ନାଇଁ
ଘର ବୁଡାଣୀ ମୁଇଁ।'

ଗାଁ ଗଣ୍ଡାମାନଙ୍କରେ ସଜନା ଗଛର ଆଦୃତ ଅଧିକ। ସଜନା ଗଛର ପତ୍ର, ଫୁଲ, ଫଳ ସବୁ ଖାଦ୍ୟ ରୂପେ ବ୍ୟବହାର କରିବା ସହ ତାର ଛେଲି ଓ ଚେର ଔଷଧ ଭାବରେ ବ୍ୟବହାର କରିଥାନ୍ତି। ତାକୁ ନେଇ ଲୋକକବି ଗାଏ –

'ସଜନା ଗଛର ଛୁଇଁ ଛୁଇଁଦେଲା ବୋଲି କହିବୁ ନାଇଁ
ତୋଠୁ ଦୂରିଆ ନାଇଁ।'

## ୨. ଦୋଳିଗୀତରେ ସାମାଜିକ-ସାଂସ୍କୃତିକ ସୌନ୍ଦର୍ଯ୍ୟ

ସାହିତ୍ୟ ଓ ସମାଜ ସବୁବେଳେ ପରସ୍ପର ପରିପୂରକ। ସାହିତ୍ୟ ମଧ୍ୟ ଦେଇ ସାମାଜିକ ଜୀବନର ସ୍ୱଚ୍ଛଳ ଚିତ୍ର ପ୍ରକାଶିତ ହୋଇଥାଏ। ଲୋକକବି ସରଳ ଜୀବନ ଯାପନ କରୁଥିବା ସାଧାରଣ ପଲ୍ଲୀ ନରନାରୀଙ୍କ ଦୈନନ୍ଦିନ ଜୀବନର କାର୍ଯ୍ୟାବଳୀକୁ ସ୍ଥାନିତ କରିବାରେ କୁଣ୍ଠା ପ୍ରକାଶ କରି ନଥାଏ। ମଣିଷର ଜନ୍ମ ମୃତ୍ୟୁ ମଧରେ ଆସୁଥିବା ରୀତି ନୀତି, ପ୍ରଥା ପରମ୍ପରା ସବୁ ଲୋକସାହିତ୍ୟରେ ଦୃଶ୍ୟମାନ ହୁଏ। ପଲ୍ଲୀ ମାଟିର ସାମାଜିକ-ସାଂସ୍କୃତିକ ବର୍ଣ୍ଣବିଭା କେବଳ ଚିତ୍ତକୁ ହରଣ କରେ ନାହିଁ ବରଂ ଅନ୍ତଚେତନାକୁ ଚେତେଇ ଦିଏ। ଆପଣାର ରୀତିନୀତି ,ପରମ୍ପରା, ଚାଲି ଚଳଣି, ବେଶଭୂଷା, ଖାଦ୍ୟପେୟ,ସଂସ୍କାର ଆଦି ସବୁ ସଂସ୍କୃତିକୁ ପୁନର୍ଜୀବିତ କରେ। ବାସ୍ତବ ଜୀବନର ଅକଳ୍ପିତ ମୁହୂର୍ତ୍ତଗୁଡା ଜୀବନରେ ଆଶାର ନବସଂଚାର ଭରେ। ଏ ସବୁ ସୌନ୍ଦର୍ଯ୍ୟପଣରେ ପଲ୍ଲୀମାଟି ଛଳଛଳ ହୋଇ ଲାଜେଇ ଯାଏ। ତାର ନିରୁତା ଗ୍ରାମୀଣ ସଂସ୍କୃତିର ପ୍ରଭାବ ଦୋଳିଗୀତରେ ଅପସରି ଯାଇନାହିଁ।

**ଖାଦ୍ୟପେୟ**– ଓଡିଶାର ଓଡିଆ ଘରର ଖାଇବା ସବୁଠୁ ନିଆରା। ପଖାଳ ଭାତ, ଶାଗଭଜା, ବଡିଚୂରା ଠାରୁ ଦହିଚୂଡା, ପୋଡପିଠା ଯାଏଁ ସବୁ ସୁନ୍ଦର ଓ ସୁସ୍ୱାଦୁଯୁକ୍ତ। ଓଡିଆ ଘରର ଏଇ ଖାଇବା ସବୁ ଭାରତୀୟ ମୂଲ୍ୟବୋଧର ମୂର୍ତ୍ତିମନ୍ତ ପ୍ରତୀକ। ଏହି ଶୁଦ୍ଧ ଶାକାହାରୀ ଭୋଜନ ଶରୀରକୁ ପରିପୁଷ୍ଟ କରିବା ସହ ପରିବେଶକୁ ବିଶୁଦ୍ଧ ଓ ମଙ୍ଗଳମୟ କରିରଖିଛି। ସବୁ ଖାଇବା ଠାରୁ ପଖାଳ ଭାତ ଓ ଶାଗଭଜାର ସ୍ୱାଦ ବହୁ ଉର୍ଦ୍ଧ୍ୱରେ। ସକାଳ ହେବା ମାତ୍ରକେ ପ୍ରତି ଓଡିଆ ଘରେ ଏ ଖାଦ୍ୟ ବ୍ୟଞ୍ଜନକୁ ପଲ୍ଲୀବଧୂମାନେ ହସହସ ମୁହଁରେ ସମସ୍ତଙ୍କୁ ଅତି ସରାଗରେ ପରଷି ଦିଅନ୍ତି। ଏଇ ଖାଦ୍ୟ ସବୁ ଖାଦ୍ୟ ସୌନ୍ଦର୍ଯ୍ୟ ପ୍ରକରଣଠାରୁ ଶୀର୍ଷତମ , ଯଥା –

'ନଈପାଣି ହଳହଳ ପଖାଳ ଭାତରେ ରଖିତା ମନ
ହସିଖେଳି ଯାଉଦିନ,
ଉଷୁନା ଚାଉଳ ବେଲେ ନଉଟିଆ ଶାଗ ରନ୍ଧନ କଲେ
ଭାଇଙ୍କୁ ଡାକିଣ ଦେଲେ ।'

**ବେଶଭୂଷା** – ମଣିଷର ପ୍ରସାଧନ ଓ ଅଳଙ୍କାର ଧାରଣରେ ସର୍ବୋତ୍ତମ ସୌନ୍ଦର୍ଯ୍ୟ ନିହିତ। ପୁରୁଷ ହେଉ ଅଥବା ନାରୀ ନିକଟରେ ଉପଯୁକ୍ତ ବେଶଭୂଷା ରହିଥିଲେ ତାର ସୁନ୍ଦରତା ତଥା ସୌକୁମାର୍ଯ୍ୟତାରେ ବୃଦ୍ଧି ଘଟେ। ଜଣେ ଏହି ବେଶଭୂଷାରହିତ ହେଲେ ସୌନ୍ଦର୍ଯ୍ୟହୀନ ପରି ମନେହୁଏ। ଏହା ବିଭିନ୍ନ ଧରଣର ହୋଇପାରେ –

ନାରୀ ହେଉଛି ସୌନ୍ଦର୍ଯ୍ୟର ଅନ୍ୟନାମ। ପ୍ରକୃତି ପରି ନାରୀ ରୂପରେ ସୌନ୍ଦର୍ଯ୍ୟମୟୀ ଓ ଭାବରେ ଐଶ୍ୱର୍ଯ୍ୟମୟୀ। ସେ ସୀମନ୍ତରେ ସିନ୍ଦୁର ,ବେକରେ ହାର, ହସ୍ତରେ କଙ୍କଣ, ପାଦରେ ପାଉଁଜି, ଖୋସାରେ ଜୁଡା, ମୁଦି,ଅଳତା, କଜ୍ଜ୍ୱଳ, ନୟନ ରଞ୍ଜନ ,ଗୋଲାପ ଜଳ ଆଦି ପରିଧାନ କରି ଶୋଭାବର୍ଦ୍ଧନ କରିଥାଏ। ରଜ ସମୟରେ ସବୁ ଯୁବତୀଗଣ ଏ ପ୍ରସାଧନମାନ ଧାରଣ କରି ପରିବେଶଟିକୁ ସୌନ୍ଦର୍ଯ୍ୟମୁଖର କରିଥାନ୍ତି। ଯୁବକମାନେ ଦେଖି ଗାଇ ଉଠନ୍ତି–

'ରାଶିରୁ ଛାଡିଲା ଚୁପା ଗୁଡରେ ନାଇଚୁ ସରୁ ଅଳତା
ମଥାରେ ସିନ୍ଦୁର ଟୁପା।'

ସେହିପରି ପ୍ରେମିକା ସଜବାଜ ହୋଇ ପ୍ରିୟତମର ଅପେକ୍ଷାରେ ଥିଲେ କୁହନ୍ତି –

'ପେନ୍ଥା ପେନ୍ଥା କୃଷ୍ଣଚୂଡ଼ା ବେଣୀରେ ନାଇଛି ରଙ୍ଗେଲି ଜୁଡା
ବାଟରେ ହୋଇଛି ଛିଡା।'

ସେହିପରି ପରିଧାନ ବେଳେ ନାରୀ ଶାଢୀ, ଉତ୍ତରୀୟ, ଚାଦର, କାଂଚଲା ଆଦି ବ୍ୟବହାର କରୁଥିବା ବେଳେ ପୁରୁଷମାନେ ଧୋତି, ଗଞ୍ଜି , କୁର୍ତ୍ତା , ସାର୍ଟ ଆଦି ବ୍ୟବହାର କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି। ଶାଢୀ ପିନ୍ଧି ଚାଲି ନ ଜାଣିବା ହେତୁ ଯୁବକକୁ ଅଭିମାନ କରି କୁହେ –

'ବଣବାଘ ହେଲା ବନ୍ଦୀ ଆଣି ଦେଇଥିଲ ମଣିଆବନ୍ଧି
ଗୁଡରେ ହେଉଛି ଛନ୍ଦି।'

ଆପଣା କାର୍ଯ୍ୟରେ ବ୍ୟସ୍ତ ରହିଥିବା ପୁରୁଷଟି ସ୍ତ୍ରୀ ବରାଦ କରିଥିବା ମନମୁତାବକ ଶାଢୀ ଆଣିପାରେ ନାହିଁ। ଏଣୁ ସ୍ତ୍ରୀର ଅଭିମାନ କହିଲେ ନସରେ, ଅଭିମାନିନୀ ବଧୂ ପ୍ରତି ବିଶ୍ୱାସ ଦେଇ କୁହେ –

'ତେନ୍ତୁଳି ପତର ସରୁ ଆଣିଦେବି ଶାଢୀ ସମ୍ବଲପୁରୁ
ଧାନ ବୁଣାବୁଣି ସରୁ।'

ପୁଣି ଅଳଙ୍କାର ପରିଧାନ ହେଉଛି ନାରୀର ଭୂଷଣ। ଯାହା ନାରୀ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ। ଅଳଙ୍କାର ପ୍ରଯୁକ୍ତ ନାରୀର ସୌନ୍ଦର୍ଯ୍ୟ ଚିରକାଳ ଧରି ପୁରୁଷ ମନରେ ଗୋଟେ ମାୟା ସୃଷ୍ଟି କରିଆସିଛି। ପୁରୁଷ–ପ୍ରାଣ ଉପଲବ୍ଧି କରିଛି ଯେ, ନାରୀ ସୌନ୍ଦର୍ଯ୍ୟ ହେଉଛି ଏ ପୃଥିବୀର ଜୀବନ୍ତ କବିତା।(୬)। ଗ୍ରାମୀଣ କ୍ଷେତରେ କୃଷକ ସମେତ ତା ସ୍ତ୍ରୀ ମଧ୍ୟ ପୂର୍ଣ୍ଣ ସହଯୋଗ କରିବା ପାଇଁ ବିଲରେ ଯାଇ ଖଟେ, ଏ ସମୟରେ ଅଳଙ୍କାର ପରିଧାନକୁ ବର୍ଜନ କରାଯାଏ। କେହି ପିନ୍ଧିଥିଲେ ତାକୁ ଲକ୍ଷ୍ୟ କରି ଲୋକକବି ଗାଏ–

'ହାତକୁ ଚିପା କାଙ୍କଣ ବେଉସା ଖଟିତେ ନାହିଁ କଷଣ
କିପରି କାଟିବ ଦିନ।'

**ଲୋକାଚାର** – ପରଂପରା କ୍ରମେ ଚଳିଆସୁଥିବା ସାମାଜିକ ପ୍ରଥା , ବିଧି ବିଧାନ ଓ ଚଳଣି ହେଉଛି ଲୋକାଚାର। ଶାସ୍ତ୍ର ସମ୍ମତ ସ୍ୱୀକୃତି ପ୍ରାପ୍ତ ହୋଇ ନ ଥିଲେ ହେଁ ଏହା ମୁଖରୁ ମୁଖ ଦେଇ ସମାଜରେ ରହିଆସିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜରେ କରାଯାଉଥିବା ସଂସ୍କାରଗୁଡିକ ଏହାର ମୁଖ୍ୟ ଅଙ୍ଗ। ଜନ୍ମର ଛଅ ଦିନରେ ଷଷ୍ଠୀପୂଜା, ନଅ ଦିନରେ ଉଠିଆରୀ, ଏକୋଇଶ ଦିନରେ ଏକୋଇଶା ଛ ମାସରେ ଅନ୍ନପ୍ରାଶନ, ବ୍ରତ, ବିବାହ ,ଅନ୍ତ୍ୟେଷ୍ଟି ଆଦି ସଂସ୍କାର କରାଯାଇଥାଏ। ଏ ମଧ୍ୟରୁ ବିବାହ ଏକ ପବିତ୍ର

ସଂସ୍କାର। ବିବାହ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ପ୍ରତ୍ୟେକ ଓଡିଆ ଘରେ ବିବାହ ଲଗ୍ନ ସ୍ଥିର କରାଯାଏ, ସେଇ ଲଗ୍ନ ଅନୁସାରେ ବିବାହ ସମ୍ପନ୍ନ ହୋଇଥାଏ। ତାହାରି ଆଧାରରେ ବି ଲୋକକବି ଗୀତ ଗାଏ–

'ଥାଳିଆ ଛୁଆରେ ମୀନ ବାହା ହେବି ବୋଲି ବୁଣିଚେ ଧାନ
ନାଇଁ ନି ବାହା ନଗନ।'

**ପର୍ବପର୍ବାଣି** – ସଂସ୍କୃତି ସମ୍ପନ୍ନ ଓଡିଶାରେ ବର୍ଷର ବିଭିନ୍ନ ସମୟରେ ନାନା ପ୍ରକାର ପର୍ବ ପାଳିତ ହୋଇଥାଏ। ପ୍ରାୟ ପ୍ରତ୍ୟେକ ମାସରେ କିଛି ନା କିଛି ପର୍ବ ରହିଛି। ସେ ସବୁ ପର୍ବଗୁଡିକ ମଧ୍ୟରେ ରଜ, ମକର, ରକ୍ଷାବନ୍ଧନ , ପ୍ରଥମାଷ୍ଟମୀ , କୃଷ୍ଣ ଜନ୍ମାଷ୍ଟମୀ ,ରଥଯାତ୍ରା, ଦୁର୍ଗା ପୂଜା , ଦୋଳ ପୂର୍ଣ୍ଣିମା , କୁମାର ପୂର୍ଣ୍ଣିମା ଆଦି। ଏ ପର୍ବଗୁଡିକରେ ଆନନ୍ଦରେ ମସ୍‌ଗୁଲ୍ ହୋଇ ନାଚି ଗାଇ ବିତାଇଥାନ୍ତି , ସେଇ ଦୃଶ୍ୟ ସବୁ ଥାଏ ସୌନ୍ଦର୍ଯ୍ୟର ଚାରୁକଳା ଭିତରେ ଅନନ୍ୟ ଏବଂ ଚିତ୍ତାକର୍ଷକ ତଥା ମନହରଣକାରୀ। ସେଗୁଡିକ ଦୋଳିଗୀତରେ ସ୍ଥାନ ପାଏ , ଯେପରିକି –

'ଆଷାଢେ ରଥ ଯାତରା ଶ୍ରୀକ୍ଷେତ୍ରେ ନାଗିଚି ଟଣା ଓଟରା
ଆସ ଦେଖିଯିବା ପରା।'

ସେହିପରି ଫଗୁଣ ମାସରେ ଦୋଳିଯାତକୁ ଦେଖି ଗାଏ –

'ଫଗୁଣେ ଦୁଳ ଗୁବିନ୍ଦ ଦୁଳି ଖେଳୁଚନ୍ତି ପରମାନନ୍ଦ
ମନରେ କି ମହାନନ୍ଦ।'

**ଜଗନ୍ନାଥ ପ୍ରାଣତା** – ମଣିଷ ସହଜେ ଭାଗ୍ୟବାଦୀ ସେ ସବୁବେଳେ ଈଶ୍ୱର ଉପରେ ଆସ୍ଥା ପ୍ରକଟ କରିଆସିଛି। ସୁଖରେ ଦୁଃଖରେ ସର୍ବଦା ଭଗବାନ ତା ନିକଟରେ ବିରାଜମାନ ଅଛନ୍ତି ବୋଲି ହୃଦବୋଧ କରିଛି। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ପ୍ରତିଟି ଓଡିଆ ତଥା ଭାରତୀୟଙ୍କ ଆରାଧ୍ୟ ଦେବତା। ତାଙ୍କ ନିକଟରେ ସକଳ ସୌନ୍ଦର୍ଯ୍ୟ ସମାହିତ ହୋଇ ରହିଛି। ପରମ ପୁରୁଷ ଜଗନ୍ନାଥ ଅଭେଟରେ ଭେଟ, ଅପୂର୍ଣ୍ଣରେ ପୂର୍ଣ୍ଣ , ସେ ହିଁ ସ୍ରଷ୍ଟା ସେ ହିଁ ସୃଷ୍ଟି ସେହିପରି ସେ ଦ୍ରଷ୍ଟା ଆଉ ଦୃଷ୍ଟି ମଧ୍ୟ। ଜଗନ୍ନାଥଙ୍କ ନୀତିକାନ୍ତିରେ ଓଡିଆତ୍ୱର ସ୍ୱଷ୍ଟ ଆଭା ପରିଲକ୍ଷିତ ହୁଏ। ଓଡିଶାବାସୀଙ୍କ ତାଙ୍କ ପ୍ରତି ଯେଉଁ ଗଭୀର ଦୁର୍ବଳ ମନୋଭାବ ରହିଛି ତାହା ଅକଳ୍ପନୀୟ, ଏଣୁ କୌଣସି କାର୍ଯ୍ୟର ଆରମ୍ଭରେ ଅଥବା ଶେଷରେ ଜଗନ୍ନାଥଙ୍କ ନାମ ନେଇ କରିଥାନ୍ତି , ଯେପରି –

'କର ଦୟା ଜଗନ୍ନାଥ କରୁଚି ଦୟିନୀ ତୁମକୁ ନାଥ
କହିଦେବ ଦୁଳିଗୀତ।'

**ନୀତି ଉପଦେଶ** – ଲୋକଗୀତରେ ଥିବା ନୀତି ଉପଦେଶ ମଧ୍ୟରେ ସୌନ୍ଦର୍ଯ୍ୟ ନିହିତ ଅଛି। ସମାଜରେ କୌଣସି କର୍ମ ସଂପାଦନ ବେଳେ କିପରି କରିବ ଅଥବା କଣ କରିବ ନାହିଁର ପ୍ରଶ୍ନୋତ୍ତର ଭିତରେ ମଧ୍ୟ ଲୋକଗୀତ ଚାଲିଥାଏ। ତାରି ଭିତରେ ଉପଦେଶାତ୍ମକ ସୌନ୍ଦର୍ଯ୍ୟ ନିହିତ ଥାଏ। ଆମ ଓଡିଶା ତଥା ମହାଭାରତୀୟ ପରଂପରାରେ କୌଣସି ବ୍ୟକ୍ତିର ଶେଷ ନିଃଶ୍ୱାସ ତ୍ୟାଗ ସମୟରେ ଗଙ୍ଗାଜଳ ପାଟିରେ ଦିଆଯାଏ , ଯାହା ଅନ୍ୟ କୌଣସି ପାଶ୍ଚାତ୍ୟ

ଦେଶରେ ଏ ପରମ୍ପରା ନାହିଁ। ତାକି ନେଇ ଦୋଳିଗୀତ ରହିଛି –
'ଯମ ନେଲାବେଳେ ନେବ ତୁଳୁସାର ପାଣି ଯୁଗାଇଥିବ
ଜୀବ ଗଲାବେଳେ ଦେବ।

ସେହିପରି ଏ ଦୁଇ ଦିନିଆ ଜଗତରେ ସମସ୍ତେ ଲୋଭ, ମୋହ ,ସ୍ୱାର୍ଥ ଓ ଅହଙ୍କାରର ମୁକୁଟ ପିନ୍ଧି ନିଜକୁ ମହାନ୍ ବୋଲି କହି ଡିଣ୍ଡିମ ପିଟୁଛନ୍ତି। ଚାରିଆଡେ ଶୁଭୁଛି କେବଳ ମୁଁ ମୁଁର ଫୁତ୍କାର। ସୁନ୍ଦର ଜୀବନ ଯାପନ କରିବାର ଅର୍ଥ ଅନୁରାଗ ପୂର୍ଣ୍ଣ ଜୀବନ ବଂଚିବା ଏବଂ ମଣିଷ ହିସାବରେ ମଣିଷ ପ୍ରତି ,ଆପଣା ପରିବେଶ ପ୍ରତି ତଥା ପ୍ରକୃତି ପ୍ରତି ଗଭୀର ଆନ୍ତରିକତା ପ୍ରଦର୍ଶନ କରିବା। ଏଣୁ ଲୋକକବି କୁହେ–
'ଆଲୋ ଗଡିଆର କଇଁ ରାଗ ଅହଙ୍କାର କଣ ପାଇଁ
ଆଜି ଅଛୁ କାଲି ନାହିଁ।'

## ୩ . ଦୋଳିଗୀତରେ କାବ୍ୟିକ ସୌନ୍ଦର୍ଯ୍ୟ

ସକଳ ସୃଷ୍ଟି ମୂଳରେ ସୌନ୍ଦର୍ଯ୍ୟ ନିହିତ। ଏହି ନ୍ୟାୟରେ କାବ୍ୟ ମଧ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ, ରସ ,ରୀତି , ଅଳଙ୍କାର, ଛନ୍ଦ, ବକ୍ରୋକ୍ତି ଓ ଔଚିତ୍ୟ ଆଦି କାବ୍ୟକୁ ଶୋଭାବର୍ଦ୍ଧନ କରନ୍ତି। କେନ୍ଦୁଝର ଦୋଳିଗୀତଗୁଡିକ ମଧ କାବ୍ୟିକ ସୌନ୍ଦର୍ଯ୍ୟରେ ବୈଚିତ୍ର୍ୟମୟୀ। ନିମ୍ନରେ ସେଗୁଡିକୁ ଆଲୋଚନା କରାଗଲା–

### କ) ରସ ପ୍ରକରଣ ସୌନ୍ଦର୍ଯ୍ୟ

ଲୋକକବି ଲୋକମାନସ ଭୂମିର ବହୁବିଧ ଭାବଚେତନାର ଭିନ୍ନ ଭିନ୍ନ ଅନୁଭୂତିକୁ ନେଇ ଲୋକଗୀତ ସୃଷ୍ଟି ହୋଇଛି। ଏ ଗୀତଗୁଡିକ କେତେବେଳେ ନବବୟସୀ ହୃଦୟର ରୋମାଂଟିକ୍ ଭାବନାକୁ ନେଇ ନିଃସୃତ ହୁଏ ତ କେତେବେଳେ କାରୁଣ୍ୟ ଭାବନାକୁ ନେଇ। ମନୁଷ୍ୟର ପ୍ରତିଟି ଭାବାବେଗକୁ ନେଇ ଦୋଳିଗୀତ ଭାବର ମୂର୍ଚ୍ଛନାରେ ମୂର୍ଚ୍ଛିତ କରିଛି।

**ଶୃଙ୍ଗାର ରସ** – ଦୋଳିଗୀତ ମଧ୍ୟରେ ଉଭୟ ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାର ବିଦ୍ୟମାନ। ଏହି ଶୃଙ୍ଗାରିକତା ହିଁ ପରମ ସୌନ୍ଦର୍ଯ୍ୟ ଅଟେ। ଅନେକ ଦିନ ପରେ ପ୍ରେମିକ ସହିତ ଦେଖାହେଲେ ଅଭିମାନ କରି ବସେ, ଅଭିମାନିନୀ ପ୍ରିୟା ପ୍ରତି ଗେଲ ସୁଆଗରେ କୁହେ–
'ଥାଳିଆ ଛୁଆରେ ମୀନ ରାଗ ମଇଛଳ ନ କର ଧନ
ହସି ଖେଳି ଯାଉ ଦିନ।'

ମିଳନରେ ସମ୍ଭୋଗ ଶୃଙ୍ଗାର ପରି ବିରହରେ ଥାଏ ବିପ୍ରଲମ୍ଭ ଶୃଙ୍ଗାର। କାନ୍ତଠାରୁ ଦୂରରେ ଥିବା ପ୍ରିୟା ପ୍ରିୟତମ ମିଳନର ଜ୍ୱାଳାରେ ହୁଏ ଜର୍ଜରିତ। ଅନୁକ୍ଷଣ ସ୍ମୃତିଚାରଣ କରି ଝୁରି ହେଉଥାଏ। ମନର ଅବ୍ୟକ୍ତ ଭାବନାକୁ ହୃଦୟ ଭିତରେ ସଷ୍ଟି କରି ତାରି ଭିତରେ ହିଁ ମାରିଦିଏ। କାନ୍ତା ବିରହୀ ପ୍ରିୟା ଅନ୍ତରରେ ଭାବୁଥାଏ କେତେ କଅଣ, ଯଥା –
'ପୌଷମାସ ଜମ୍ବରାତି ପ୍ରାଣଧନ ଥିଲେ ଲଗନ୍ତା ଛାତି
ସୁଖେ ପାଇଯାନ୍ତା ରାତି।'

**କରୁଣ ରସ**– କୌଣସି ବସ୍ତୁ ଅଥବା ବ୍ୟକ୍ତିକୁ ହରାଇଲେ ମନରେ ସୃଷ୍ଟି ହେଉଥିବା ସନ୍ତାପ ହିଁ କରୁଣ ରସ ନାମରେ ପରିଚିତ। ପଲ୍ଲୀ କୃଷକଟିଏ ସଦା ସର୍ବଦା କ୍ଷେତ୍ରରେ କାର୍ଯ୍ୟରତ ଥାଏ। ସେଥିରୁ ଉପୁଜିଥିବା ଶସ୍ୟ ଦ୍ୱାରା ତାର ଭରଣ ପୋଷଣ କରେ ; ମାତ୍ର ଯଦି କୌଣସି କାରଣବଶତଃ ଫସଲ ନଷ୍ଟ ହୋଇଯାଏ, ତେବେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥାଏ। ଏହା ଦୁଃଖର କାରଣ ପାଲଟିଥାଏ, ନିରାଶ ଭରା କଣ୍ଠରେ ଗାଏ –
'ଘିଟିଘିଟିଆ ମାଟି ଚାଷ କରିଥିଲି ସଲେଇଝାଟି(ଧାନ)
ସବୁ ଖାଇଦେଲା ମାଟି।'

**ବୀର ରସ** – କୌଣସି ଦୃଶ୍ୟ ଦର୍ଶନରେ ଅଥବା ବାକ୍ୟ ଶ୍ରବଣରେ ମନରେ ସୃଷ୍ଟି ହେଉଥିବା ଅଦମ୍ୟ ଉତ୍ସାହ ହିଁ ଓଡିଆ ଜାତି ମଧ୍ୟରେ ବୀରତ୍ୱପୂର୍ଣ୍ଣ ଭାବନା ଥିବା ହେତୁ ଲୋକଗୀତରେ ମଧ ଝଲକ ଦେଖିବାକୁ ମିଳେ। ଓଡିଆ ପାରିବାରିକ ସୁସମ୍ପର୍କ, ଭାଇ ଭାଇ ମଧ୍ୟରେ ସୁସମ୍ପର୍କ ଗୃହକୁ ଶକ୍ତ କରିଥାଏ। ଦୁଇଭାଇ ଏତେ ମଜବୁତ ଯେ କୌଣସି କାର୍ଯ୍ୟ କଷ୍ଟକର ହୁଏ ନାହିଁ। ଆଉ ଅନ୍ୟ କେହି ବି ତାଙ୍କ ଉପରକୁ ଅଙ୍ଗୁଳି ଉଠାଇ ପାରନ୍ତି , କୌଣସି କିଛି ହେଲେ କୁହନ୍ତି–
'ହୁଳିକେ ଉଠିଲା ଗେଣ୍ଡା ଆମେ ଦୁଇଭାଇ ବିଜାରପଣ୍ଡା
ଭାଙ୍ଗିଦେମୁଁ ମେରୁଦଣ୍ଡା।'

**ଶାନ୍ତରସ** – ଏହି ରସ ପବିତ୍ର ଓ ଶାନ୍ତବାତାବରଣ ତଥା ପରମେଶ୍ୱରଙ୍କ ପ୍ରତି ତତ୍ତ୍ୱାନେଷୀ ଭାବ ପ୍ରକଟନ ଦ୍ୱାରା ମନରେ ଆଧାତ୍ମିକ ଚେତନା ଜାଗ୍ରତ ହେବା ସହ ବିଷୟାଭୋଗରୁ ନିବୃତ୍ତ ରହି ବୈରାଗ୍ୟ ଭାବଜାତ ହୁଏ। ବିଭିନ୍ନ ମାସରେ ଧର୍ମାଚାର , ବ୍ରତ ପାଳନ କରିବା ତଥା ଦିବସମାନଙ୍କରେ ଐଶ୍ୱରୀୟ ସତ୍ତାଙ୍କୁ ସ୍ମରଣ କଲେ ଚିତ୍ତ ବିକାଶ ସାଧିତ ହୁଏ। ଦୋଳିଗୀତରେ ଦେଖାଯାଏ–
'ଆଜି ସୋମବାର ଦିନ ଶିବ ଠାକୁରଙ୍କୁ କରହେ ଧ୍ୟାନ
ସୁଖ ହେବ ସବୁଦିନ।'

### ଖ) ଛନ୍ଦ ପ୍ରକରଣଗତ ସୌନ୍ଦର୍ଯ୍ୟ

ବିଦଗ୍ଧ ସାହିତ୍ୟ ବ୍ୟତୀତ ଲୋକସାହିତ୍ୟରେ ଲୋକଗୀତ ମଧ ଛନ୍ଦ ପ୍ରକରଣ ଦେଖାଯାଏ। ଯାହା ଦ୍ୱାରା ସୃଷ୍ଟି ସୌନ୍ଦର୍ଯ୍ୟାଗ୍ରହୀ ଓ ପାଠକାଗ୍ରହୀ ହୋଇଥାଏ। କେନ୍ଦୁଝର ଦୋଳିଗୀତଗୁଡିକ ସାଧାରଣତଃ ଅସମ ଛନ୍ଦ ବିଶିଷ୍ଟ , ତିନିପାଦରେ ଏକପଦ। ପ୍ରଥମ ତୃତୀୟ ପାଦର ଅକ୍ଷର ସଂଖ୍ୟା ଆଠ ଏବଂ ଦ୍ୱିତୀୟ ପାଦର ଅକ୍ଷର ସଂଖ୍ୟା ଏଗାର , ଏ ଗୀତଗୁଡିକ ଅପୂର୍ବ ମିତ୍ରାକ୍ଷରଯୁକ୍ତ। ଯଥା –
' ଦୁଆରେ ରୁଇଲି ମଲ୍ଲୀ
ଆଁ କରିଥିଲି ଖାଇବା ବୋଲି
ଗାଇଦେଲ କାଦମଲ୍ଲୀ ।'

### ଗ) ଅଳଙ୍କାରଗତ ସୌନ୍ଦର୍ଯ୍ୟ

ଭାଷାର ଶୁଦ୍ଧତା ଯେପରି ବ୍ୟାକରଣର ଲକ୍ଷ୍ୟ ଅନୁରୂପ ଭାବେ ସାହିତ୍ୟର ସୌନ୍ଦର୍ଯ୍ୟ ବିଧାନ ଅଳଙ୍କାରର ଲକ୍ଷ୍ୟ। ଅଳଙ୍କାର ସାହିତ୍ୟର କାବ୍ୟିକ ସୌନ୍ଦର୍ଯ୍ୟକୁ ଫୁଟାଇଥାଏ। ସିଧାସଳଖ କୌଣସି ଉକ୍ତି ଯେତିକି ପ୍ରଭାବଶାଳୀ ନ ଲାଗେ, ଅଳଙ୍କାରଯୁକ୍ତ କଥନ ଅଧିକ ମାର୍ମିକ , ଚିତ୍ତାକର୍ଷକ ବୋଧହୁଏ। ମଣିଷର ଏଇ ସୌନ୍ଦର୍ଯ୍ୟ ଗୁଣ ତଥା ସୌନ୍ଦର୍ଯ୍ୟ ଉପାସନା ପ୍ରବୃତ୍ତିରୁ ଅଳଙ୍କାରର ସୃଷ୍ଟି। ସଂଗୃହୀତ ହୋଇଥିବା ଦୋଳିଗୀତରେ ଉଭୟ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପରିଦୃଶ୍ୟ ହୁଏ।

**ଅନୁପ୍ରାସ** – ବାକ୍ୟରେ ବାରମ୍ବାର ବ୍ୟଞ୍ଜନ ବର୍ଣ୍ଣର ପୁନରାବୃତ୍ତି ଘଟିଲେ ଅନୁପ୍ରାସ ଅଳଙ୍କାର ହୁଏ, ଦୋଳିଗୀତଗୁଡିକ ସାଧାରଣତଃ ଅନ୍ତ୍ୟାନୁପ୍ରାସଯୁକ୍ତ ହୋଇଥାଏ। ଯେପରି–

‘ଚାଉଳ ଛ ମାଣ କଲି      ଯିବି ଯିବି ବୋଲି ବାହାରିଥିଲି
ଅଡୁଆରେ ପଡିଗଲା।’

ଏଥିରେ ପାଦର ଶେଷ ବ୍ୟଞ୍ଜନ ବର୍ଣ୍ଣରେ ଲି ହୋଇ ଅନ୍ତ୍ୟାନୁପ୍ରାସ ହୋଇଛି।

**ଯମକ** – ଭିନ୍ନାର୍ଥବୋଧକ ଏକ ପ୍ରକାର ଶବ୍ଦର ପୁନରାବୃତ୍ତି ହେଲେ ଯମକ ଅଳଙ୍କାର ହୁଏ।

‘ତେନ୍ତୁଳି ପତର ସରୁ      ଶାଢୀ ଆଣିଦେବି ସମ୍ବଲପୁରୁ
ଧାନ ବୁଣାବୁଣି ସରୁ।’

ଏଠାରେ ଉପର ପାଦରେ ଥିବା ସରୁର ଅର୍ଥ ହେଉଛି ଛୋଟ , ଏବଂ ଶେଷ ପାଦରେ ଥିବା ସରୁର ଅର୍ଥ ହେଲା ଶେଷ ହେଉ।

**ଉପମା** – ବାକ୍ୟ ମଧ୍ୟସ୍ଥ ଉପମାନ ଓ ଉପମେୟର ସାଦୃଶ୍ୟ କଥନ ହେଲେ ଉପମା ଅଳଙ୍କାର ହୁଏ। ଏହାର ଦୃଷ୍ଟାନ୍ତ ସ୍ୱରୂପ –

‘କି ଜଳ ଆଣିଚ ଧନ      ମତେ ଦିଶୁଅଛି ରକତବନ(ବର୍ଣ୍ଣ)
ପିଇବାକୁ ନାଇଁ ମନ।’

ଏହି ପଦରେ ଉପମେୟ ଜଳ , ଉପମାନ ରକ୍ତ,ଏହାର ସାଧାରଣ ଧର୍ମ ଦେଖାଯିବା ଏବଂ ଉପମାବାଚକ ଶବ୍ଦ ଲୁପ୍ତ ହୋଇ ଏହା ଲୁପ୍ତୋପମା ଅଳଙ୍କାର ହୋଇଛି।

**ରୂପକ** – ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥନ ହେଲେ ରୂପକ ଅଳଙ୍କାର ହୁଏ। ଉଦାହରଣ ଭାବେ ନେଇପାରିବା –

‘ଭାଦ୍ରବେ ଫୁଟଇ କିଆ      ତୁମେ ପ୍ରାଣଧନ ହେଲନି ଠିଆ
ଟିକେ ନାଇଁ ତୁମ ଦୟା।’

ଏଠାରେ ପ୍ରାଣଧନ ହେଉଛି – ପ୍ରାଣ ରୂପକ ଧନ। ପ୍ରାଣଧନର ଅର୍ଥ ପ୍ରେମିକ , ପ୍ରେମିକା ପାଇଁ ତା ପ୍ରେମିକ ହେଉଛି ପ୍ରାଣ ରୂପୀ ଅମୂଲ୍ୟ ଧନ।

କେନ୍ଦୁଝର ଅଂଚଳରୁ ସଂଗୃହୀତ ଦୋଳିଗୀତଗୁଡିକର ପରିସର ବ୍ୟାପକ ତଥା ବୈଚିତ୍ର୍ୟମୟ। ଏ ଲୋକଗୀତ ମଧ୍ୟରେ ଥିବା ପ୍ରାତ୍ୟହିକ ଜୀବନର ଘଟଣାବଳୀ, ଲୋକବିଶ୍ୱାସ ଓ ପରସ୍ପର ମଧ୍ୟରେ ଥିବା ଐକ୍ୟ ମନୋଭାବ ସ୍ପଷ୍ଟ ପ୍ରକାଶ ପାଇଛି। ଏ ଗୀତ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ସୌନ୍ଦର୍ଯ୍ୟର ନିଚ୍ଛକ ଚିତ୍ର ସ୍ପଷ୍ଟ ପ୍ରତିଫଳିତ। ଗ୍ରାମୀଣ ପଲ୍ଲୀ ସଂସ୍କୃତିର ଦୈନନ୍ଦିନ ଜୀବନରେ ଘଟିଯାଉଥିବା କାର୍ଯ୍ୟାବଳୀ କିପରି ସୁନ୍ଦରତାର ମହାର୍ଘ୍ୟ ବ୍ୟଞ୍ଜିତ ହୋଇ ରହିଥାଇପାରେ , ତାହା ଏଥିରୁ ପ୍ରମାଣିତ। କେବଳ ବିଦଗ୍ଧ ସାହିତ୍ୟ କିମ୍ବା ପ୍ରକୃତି ଅଥବା ଶୃଙ୍ଗାରାଦି ମଧ୍ୟରେ ସୌନ୍ଦର୍ଯ୍ୟ ନ ଥାଇ ଲୋକଗୀତରେ ମଧ୍ୟ ରହିପାରେ। କର୍ମ ଜଞ୍ଜାଳମୟ ଜୀବନରେ ବ୍ୟସ୍ତ ଥିବା ଆଧୁନିକ ମଣିଷ ସମାଜ ଧୀରେ ଧୀରେ ଲୋକଗୀତରୁ ଆପଣାର ଅନୁରାଗ କ୍ରମେ କମି କମି ଆସୁଛି, ଏଣୁ ସେଥିପ୍ରତି ଅଧିକ ଯତ୍ନଶୀଳ ହେଲେ ଆମ ସାହିତ୍ୟ ସମୃଦ୍ଧ ହେବା ସହିତ ଭାରତ ତଥା ଓଡିଶୀ ସଂସ୍କୃତିର ମୂଲ୍ୟବୋଧ ଅକ୍ଷୁଣ୍ଣ ହୋଇ ରହିବ। ସଂଗୃହୀତ ହୋଇଥିବା ଦୋଳିଗୀତଗୁଡିକ ସବୁ କାଳରେ ଆପଣାର ବର୍ଣ୍ଣ ବିଭାରେ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇ ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିଥିବ।

### ସହାୟକ ଗ୍ରନ୍ଥସୂଚୀ :


୧. ରାୟ ରାଧାନାଥ, ରାଧାନାଥ ଗ୍ରନ୍ଥାବଳୀ , ପୃ- ୧୫୨।
୨. ମହାପାତ୍ର ଶ୍ୟାମସୁନ୍ଦର, ସାହୁ ମିହିର୍ କୁମାର , ଓଡିଆ ଲୋକସାହିତ୍ୟ ସମୀକ୍ଷା , ପୃ -୧୦୩।
୩. ଜେନା ବୈରାଗୀ ଚରଣ, ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଓଡିଆ କାବ୍ୟରେ ସୌନ୍ଦର୍ଯ୍ୟ ଚେତନା ,ପୃ- ୧୧୬।
୪. ପ୍ରଧାନ ରଞ୍ଜନ, ଐତିହ୍ୟ ,ସଂସ୍କୃତି ଓ ପର୍ଯ୍ୟଟନ – କେନ୍ଦୁଝର, ପୃ- ୨୬୭।
୫. ଜେନା ବୈରାଗୀ ଚରଣ, ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଓଡିଆ କାବ୍ୟରେ ସୌନ୍ଦର୍ଯ୍ୟ ଚେତନା ,ପୃ- ୧୭।
୬. ପ୍ରଧାନ କୃଷ୍ଣଚନ୍ଦ୍ର , ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ , ପୃ- ୧୯୪।


❖ ❖ ❖